# NATIONAL NEWS BULLETIN (ODIA)

## 31st May - 2026

## Evening Bulletin : 7.15 p.m.

*********************************

ଆକାଶବାଣୀ..... ସମ୍ବାଦ ପଢୁଛନ୍ତି..... **ପ୍ରଜ୍ଞା ପରିମିତା ଜେନା**

## ମୁଖ୍ୟ ସମ୍ବାଦ

- ଗ୍ରୀଷ୍ମ ପ୍ରକୋପରୁ ରକ୍ଷା ପାଇବା ଲାଗି ସତର୍କତା ଅବଲମ୍ବନ କରିବାକୁ ଜନସାଧାରଣଙ୍କୁ ପ୍ରଧାନମନ୍ତ୍ରୀଙ୍କ ପରାମର୍ଶ ।

— ଆକାଶବାଣୀର ମନ୍ କୀ ବାତ୍ କାର୍ଯ୍ୟକ୍ରମରେ ଓଡ଼ିଶାର ବେଲପଣା ଏବଂ ଆମ୍ବକୁ କଲେ ପ୍ରଶଂସା ।

- ନୂଆଦିଲ୍ଲୀରେ ଆସନ୍ତାକାଲି ହେବ' ଭାରତ-ଅଷ୍ଟ୍ରେଲିଆ ପ୍ରତିରକ୍ଷା ମନ୍ତ୍ରୀସ୍ତରୀୟ ବୈଠକ ।

- ଭାରତ' ପ୍ରଯୁକ୍ତିବିଦ୍ୟା କ୍ଷେତ୍ରରେ ନେତୃତ୍ୱ ନେଇପାରିଛି ବୋଲି କହିଲେ ବିଭାଗୀୟ ମନ୍ତ୍ରୀ ।

- ସିଙ୍ଗାପୁର ଓପନ୍ ବ୍ୟାଡ୍‌ମିଣ୍ଟନ ଟୁର୍ଣ୍ଣାମେଣ୍ଟ ଟାଇଟଲ୍ ହାସଲ କଲେ ଭାରତୀୟ ଯୋଡ଼ି ।

ଏବଂ

- ଆଇ.ପି.ଏଲ୍. କ୍ରିକେଟ୍ ଫାଇନାଲ୍‌ରେ ଗୁଜରାଟ୍ ଟାଇଟନ୍‌ସ ବିପକ୍ଷରେ ଟସ୍ ଜିତି ରୟାଲ୍ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁର ବୋଲିଂ ନିଷ୍ପତ୍ତି ।

## ମନ୍ କୀ ବାତ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ସାମ୍ପ୍ରତିକ ପ୍ରବଳ ଗରମ ଓ ଗୁଳଗୁଳି ସମୟରେ ସର୍ବାଧିକ ସତର୍କତା ଅବଲମ୍ବନ କରିବାକୁ ଆଜି ଆକାଶବାଣୀର ମନ୍ କି ବାତ୍ କାର୍ଯ୍ୟକ୍ରମରେ ଜନସାଧାରଣଙ୍କୁ ପରାମର୍ଶ ଦେଇଛନ୍ତି । ଗ୍ରୀଷ୍ମ ପ୍ରକୋପରୁ ରକ୍ଷା ପାଇବା ପାଇଁ ବିଭିନ୍ନ ସରକାରୀ ବିଭାଗ ଜାରି କରିଥିବା ନିର୍ଦ୍ଦେଶାବଳୀକୁ ପାଳନ କରିବାକୁ ଶ୍ରୀ ମୋଦି ପରାମର୍ଶ ଦେଇଛନ୍ତି । ଯଥେଷ୍ଟ ପାଣି ପିଇବା ସହିତ ପ୍ରବଳ ଖରା ସମୟରେ ଘରୁ ବାହାରକୁ ଯିବାବେଳେ ସତର୍କତା ଅବଲମ୍ବନ କରିବାକୁ ପ୍ରଧାନମନ୍ତ୍ରୀ କହିଛନ୍ତି । ଗ୍ରୀଷ୍ମ ପ୍ରକୋପରୁ ରକ୍ଷା ପାଇବା ଲାଗି ଦେଶର ବିଭିନ୍ନ ଅଞ୍ଚଳରେ ବିଭିନ୍ନ ପ୍ରକାର ପାନୀୟ ପ୍ରସ୍ତୁତ ହୋଇଥାଏ, ଯାହାକି ଲୋକମାନଙ୍କୁ ଆଶ୍ୱସ୍ତି ପ୍ରଦାନ କରିବା ସହ ଅଂଶୁଘାତରୁ ରକ୍ଷା କରିଥାଏ । ଏହି ପରିପ୍ରେକ୍ଷୀରେ ପ୍ରଧାନମନ୍ତ୍ରୀ ଓଡ଼ିଶାର ବେଲପଣାକୁ ପ୍ରଶଂସା କରିଛନ୍ତି । ଏହା ଏକ ସ୍ୱାସ୍ଥ୍ୟ ହିତକର ପାନୀୟ ବୋଲି କହିଛନ୍ତି । ସେ ମଧ୍ୟ ଓଡ଼ିଶାରୁ ଉତ୍ପାଦିତ ଆମ୍ବକୁ ମଧ୍ୟ ପ୍ରଶଂସା କରିଛନ୍ତି ।

ଗ୍ରୀଷ୍ମ ଋତୁରେ ଆମ୍ବର ଉତ୍ପାଦନ ଏବଂ ଏହାର ଗ୍ରହଣୀୟତା ଉପରେ ଆଲୋକପାତ କରି ପ୍ରଧାନମନ୍ତ୍ରୀ କହିଛନ୍ତି, ପ୍ରତ୍ୟେକ ଅଞ୍ଚଳରୁ ଉତ୍ପାଦିତ ହେଉଥିବା ଆମ୍ବର ସ୍ୱତନ୍ତ୍ର ସ୍ୱାଦ ଓ ସୁଗନ୍ଧ ରହିଛି । ଏହି ଅବସରରେ ସେ ଦେଶର ବିଭିନ୍ନ ପ୍ରାନ୍ତରେ ଉତ୍ପାଦିତ ହେଉଥିବା ଆମ୍ବ ଉପରେ ଆଲୋକପାତ କରିଛନ୍ତି । ଆମ୍ବ ଚାଷ ସହିତ ଜଡିତ ଚାଷୀଙ୍କ ଉଦ୍ୟମକୁ ପ୍ରଶଂସା କରି ପ୍ରଧାନମନ୍ତ୍ରୀ କହିଛନ୍ତି କୃଷି ଅର୍ଥନୀତିକୁ ଗତିଶୀଳ କରିବାରେ ଏହା ବେଶ୍ ସହାୟକ ହେଉଛି । ଗ୍ରାମାଞ୍ଚଳରୁ ଆମ୍ବ ଏବେ ବିଶ୍ୱ ବଜାରରେ ପହଞ୍ଚିଛି ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି ।

ଦେଶର ଅମୂଲ୍ୟ ଐତିହ୍ୟ ସ୍ଥଳୀଗୁଡ଼ିକୁ ସଂରକ୍ଷିତ କରି ରଖିବାରେ ସରକାର ନିରନ୍ତର ପ୍ରୟାସ ଜାରି ରଖିଛନ୍ତି ବୋଲି କହିଛନ୍ତି । ଜ୍ଞାନ ଭାରତମ୍ ଅଭିଯାନ ଅଧୀନରେ ଛତିଶଗଡର ମଲ୍‌ହାରରେ ହୋଇଥିବା ଏକ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ଉପରେ ଶ୍ରୀ ମୋଦୀ ସୂଚନା ପ୍ରଦାନ କରିଛନ୍ତି । ଷଷ୍ଠ-ସପ୍ତମ ଶତାବ୍ଦୀରେ ପାଣ୍ଡୁବଂଶୀ ରାଜବଂଶର ମହର୍ଷି ବାଲାର୍ଜୁନଙ୍କ ସହ ସଂଶ୍ଲିଷ୍ଟ ୩ଟି ବିରଳ ତମ୍ବା ସାମଗ୍ରୀ ହସ୍ତଗତ ହୋଇଛି ବୋଲି ଶ୍ରୀ ମୋଦୀ କହିଛନ୍ତି ।

ଝାଡ଼ଖଣ୍ଡର ରାଞ୍ଚିରେ ସମ୍ପ୍ରତି ଅନୁଷ୍ଠିତ ଜାତୀୟ ବରିଷ୍ଠ ଦୌଡ଼କୁଦ ସଂଘ ପକ୍ଷରୁ ଆୟୋଜିତ ପ୍ରତିଯୋଗିତା ସମ୍ପର୍କରେ ଉଲ୍ଲେଖ କରି ପ୍ରଧାନମନ୍ତ୍ରୀ କହିଛନ୍ତି ଏଥିରେ ୮୦୦ଖେଳାଳି ବିଭିନ୍ନ ବର୍ଗରୁ ଅଂଶଗ୍ରହଣ କରିଥିଲେ । ୪ଟି ଜାତୀୟ ରେକର୍ଡ ପ୍ରତିଷ୍ଠା କରିଥିବା ଖେଳାଳିଙ୍କୁ ଶ୍ରୀ ମୋଦୀ ଅଭିନନ୍ଦନ ଜଣାଇଛନ୍ତି ।

ପ୍ରଧାନମନ୍ତ୍ରୀ କହିଛନ୍ତି ଜ୍ୟୋର୍ତିବିଜ୍ଞାନ ସର୍ବଦା ଯୁବବର୍ଗଙ୍କ ପାଇଁ କୌତୁହଳ ସହିତ ଅନୁସନ୍ଧାନ ଦିଗରେ ପ୍ରେରଣା ପ୍ରଦାନ କରୁଛି । ଜ୍ୟୋର୍ତିବିଜ୍ଞାନ କ୍ଲବ ଦେଶବ୍ୟାପୀ କ୍ରମଶଃ ଲୋକପ୍ରିୟ ହେଉଛି ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି ।

ଉତ୍ତରପ୍ରଦେଶର ଏକ କେନାଲରେ ଫସି ରହିଥିବା ଡଲଫିନ ଉଦ୍ଧାର ଉପରେ ଆଲୋକପାତ କରି ପ୍ରଧାନମନ୍ତ୍ରୀ କହିଛନ୍ତି ନମାମି ଗଙ୍ଗେ ଅଭିଯାନ ଅଧୀନରେ ନିର୍ମିତ ଭାରତର ପ୍ରଥମ ଗଙ୍ଗା ଡଲଫିନ ଉଦ୍ଧାର ଆମ୍ବୁଲାନ୍ସ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଛି । ଦେଶର ଭବିଷ୍ୟତ ପୀଢ଼ି ପାଇଁ ଅମୂଲ୍ୟ ପ୍ରାକୃତିକ ଐତିହ୍ୟ ସୁରକ୍ଷା ଦିଗରେ ପଦକ୍ଷେପ ଗ୍ରହଣ କରିବାକୁ ପ୍ରଧାନମନ୍ତ୍ରୀ ଦେଶବାସୀଙ୍କୁ ଆହ୍ୱାନ ଦେଇଛନ୍ତି । ବିଭିନ୍ନ କ୍ଷେତ୍ରରେ ପ୍ରଶଂସନୀୟ କାର୍ଯ୍ୟ କରିଥିବା ନାଗରିକଙ୍କ ସମ୍ପର୍କରେ ପ୍ରଧାନମନ୍ତ୍ରୀ ଆଲୋକପାତ କରିଛନ୍ତି । ସମାଜ ପାଇଁ ନିରନ୍ତର କାର୍ଯ୍ୟ କରୁଥିବା ଲୋକଙ୍କଠାରୁ ଶିକ୍ଷାଲାଭ କରି ନିଜେ କିଛି ଭଲ କାର୍ଯ୍ୟର ଅଂଶ ହେବାକୁ ପ୍ରଧାନମନ୍ତ୍ରୀ ସମସ୍ତଙ୍କୁ ଆହ୍ୱାନ ଦେଇଛନ୍ତି ।

## ଇଣ୍ଡିଆ-ଅଷ୍ଟ୍ରେଲିଆ ଡିଫେନ୍ସ ମିନିଷ୍ଟର

ନୂଆଦିଲ୍ଲୀଠାରେ ଆସନ୍ତାକାଲି ଦ୍ୱିତୀୟ ଭାରତ-ଅଷ୍ଟ୍ରେଲିଆ ପ୍ରତିରକ୍ଷା ମନ୍ତ୍ରିସ୍ତରୀୟ ଆଲୋଚନା ବୈଠକ ଅନୁଷ୍ଠିତ ହେବ । ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ

ସିଂହ ଏବଂ ଅଷ୍ଟ୍ରେଲିଆର ଉପପ୍ରଧାନମନ୍ତ୍ରୀ ତଥା ପ୍ରତିରକ୍ଷାମନ୍ତ୍ରୀ ରିଜାର୍ଡ ମାର୍ଲେସ ବୈଠକରେ ସହ ଅଧ୍ୟକ୍ଷତା କରିବେ । ପ୍ରତିରକ୍ଷା ମନ୍ତ୍ରଣାଳୟ ଦେଇଥିବା ସୂଚନା ଅନୁଯାୟୀ ଉଭୟପକ୍ଷଙ୍କ ମଧ୍ୟରେ ପ୍ରତିରକ୍ଷା, ସୁରକ୍ଷା ସହଯୋଗ, ସାମରିକ ଦକ୍ଷତା, ଶିଳ୍ପ ସହଯୋଗ ବୃଦ୍ଧି ଆଦି ବିଭିନ୍ନ ପ୍ରସଙ୍ଗରେ ମତ ବିନିମୟ ହେବ ।

## ଜିତେନ୍ଦ୍ର - ପୋଡ୍‌କାଷ୍ଟ ଡିଡି

ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟା ମନ୍ତ୍ରୀ ଡକ୍ଟର ଜିତେନ୍ଦ୍ର ସିଂହ କହିଛନ୍ତି, ପ୍ରଯୁକ୍ତିବିଦ୍ୟା ରୂପାନ୍ତରଣର ଗତ ୧୨ ବର୍ଷ ମଧ୍ୟରେ ଭାରତ ପ୍ରଯୁକ୍ତିବିଦ୍ୟା ଅନୁଗାମୀରୁ ପ୍ରଯୁକ୍ତିବିଦ୍ୟା କ୍ଷେତ୍ରରେ ନେତୃତ୍ୱ ନେଇପାରିଛି । ଦୂରଦର୍ଶନ ସମ୍ବାଦବିଭାଗର ଏକ ପୋଡ୍‌କାଷ୍ଟ କାର୍ଯ୍ୟକ୍ରମରେ ମନ୍ତ୍ରୀ କହିଛନ୍ତି, ଭାରତ ବିଶ୍ୱ ସ୍ତରରେ ପ୍ରଯୁକ୍ତିବିଦ୍ୟା ବିକାଶ କ୍ଷେତ୍ରରେ ଅଂଶଗ୍ରହଣ କରିବା ସହିତ ନବସୃଜନ କ୍ଷେତ୍ରରେ ଭବିଷ୍ୟତ ଗଠନରେ ସହାୟକ ହୋଇପାରିଛି । ଡକ୍ଟର ସିଂହ କହିଛନ୍ତି, ରାଷ୍ଟ୍ର' ମହାକାଶ, ଆଣବିକ ଶକ୍ତି, କ୍ୱାଣ୍ଟମ୍ ଟେକ୍ନୋଲୋଜି, ଜୈବ ପ୍ରଯୁକ୍ତିବିଦ୍ୟା, କୃତ୍ରିମ ବୁଦ୍ଧିମତ୍ତା ଏବଂ ସ୍ୱଚ୍ଛ ଶକ୍ତିର ଉନ୍ନତି ଦିଗରେ ସ୍ୱତନ୍ତ୍ର ସ୍ଥାନ ବଜାୟ ରଖିଛି । ଏହିସବୁ କ୍ଷେତ୍ରର ମିଳିତ ଭାବେ ୨୦୪୭ ବିକଶିତ ଭାରତ ଲକ୍ଷ୍ୟ ପୂରଣ ଦିଗରେ ବୈଜ୍ଞାନିକ ଏବଂ ପ୍ରଯୁକ୍ତିବିଦ୍ୟା

ଭିତ୍ତିଭୂମି ସୃଷ୍ଟି କରିବାର ଆବଶ୍ୟକତା ରହିଛି । କୃତ୍ରିମ ବୁଦ୍ଧିମତ୍ତା ସମ୍ପର୍କରେ ନିଜ ମତାମତ ଦେଇ ଡକ୍ଟର ସିଂହ କହିଛନ୍ତି, କୃତ୍ରିମ ବୁଦ୍ଧିମତ୍ତା ଏବେ ଶାସନ ପରିଚାଳନା, ସ୍ୱାସ୍ଥ୍ୟ, କୃଷି, ଯୋଗାଯୋଗ, ବୈଜ୍ଞାନିକ ଗବେଷଣ ଏବଂ ଜନସେବା କ୍ଷେତ୍ରରେ ରୂପାନ୍ତରଣ ପଦକ୍ଷେପ ଗ୍ରହଣ କରିପାରିଛି । ସେ କହିଛନ୍ତି, ଭାରତର ମହାକାଶ ଅର୍ଥନୀତି ସମ୍ପ୍ରତି ପ୍ରାୟ ୯ ବିଲିୟନ୍ ଆମେରିକୀୟ ଡଲାର ଆକଳନ କରାଯାଇଛି, ଯାହାକି ଆଗାମୀ ଦିନରେ ଏହାକୁ ଅଧିକ ବ୍ୟାପକ କରାଯାଇପାରିବ ।

## ଏଚ୍.ପି. - ରୋଡ୍ ଆକ୍ସିଡେଣ୍ଟ

ହିମାଚଳ ପ୍ରଦେଶ ଚମ୍ବା ଜିଲ୍ଲାର ଚୁରା ସବ୍‌ଡିଭିଜନ ଅନ୍ତର୍ଗତ ବୈରାଗଡ-ସଚ୍ ପାସ-କିଲର୍ ସଡ଼କରେ ଗଭୀର ଖାତ ମଧ୍ୟକୁ ଗୋଟିଏ ଗାଡ଼ି ଖସିପଡ଼ିବା ଫଳରେ ୮ ଜଣଙ୍କର ମୃତ୍ୟୁ ଘଟିଛି । ଗତକାଲି ମଧ୍ୟରାତ୍ରରେ ପର୍ଯ୍ୟଟକମାନଙ୍କୁ ନେଇ ଯାଉଥିବା ଏହି କାର୍‌ଟି ଖାତ ମଧ୍ୟକୁ ଖସିପଡ଼ିଥିବା ପୁଲିସ୍ ସୂଚନା ଦେଇଛି । ଦୁର୍ଘଟଣାସ୍ଥଳୀରୁ ସମସ୍ତ ୮ଟି ମୃତଦେହ ଉଦ୍ଧାର କରାଯାଇଛି । ମୃତକଙ୍କ ମଧ୍ୟରେ ଛତିଶଗଡ଼ର ୭ ଜଣ ପର୍ଯ୍ୟଟକ ଥିବା ଜଣାଯାଇଛି ।

# ଚୀନ୍ - ମାଇନ୍ ଡେଥ୍

ଚୀନ୍‌ର ଦକ୍ଷିଣ-ପଶ୍ଚିମ ଅଞ୍ଚଳରେ ଖଣି ଭୁଶୁଡ଼ିବା ଘଟଣାରେ ୫ ଜଣଙ୍କର ମୃତ୍ୟୁ ଘଟିଛି । ୟୁନାନ୍ ପ୍ରଦେଶର ବାଇୟୁ ଗ୍ରାମରେ ବେଆଇନ ଖଣି କାର୍ଯ୍ୟ ଚାଲିଥିବାବେଳେ ଏହି ଦୁର୍ଘଟଣା ଘଟିଥିଲା । ଦୁର୍ଘଟଣା ସମୟରେ ୬ ଜଣ ଚାପି ହୋଇଯାଇଥିଲେ । ଉଦ୍ଧାରକାରୀ ଦଳ ସେମାନଙ୍କୁ ଘଟଣାସ୍ଥଳରୁ ଉଦ୍ଧାର କରି ଚିକିତ୍ସାପାଇଁ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ । ସ୍ଥାନୀୟ କର୍ତ୍ତୃପକ୍ଷଙ୍କ ପକ୍ଷରୁ ଖଣି ଦୁର୍ଘଟଣାର ତଦନ୍ତ ଆରମ୍ଭ ହୋଇଛି ।

# ସାକେତ୍ ବିଲ୍‌ଡିଂ କୋଲାପ୍ସ

ଦକ୍ଷିଣ ଦିଲ୍ଲୀର ସାକେତ୍ ମେଟ୍ରୋ ଷ୍ଟେସନ ନିକଟରେ ଏକ ବ୍ୟାବସାୟିକ କୋଠା ଭୁଶୁଡିପଡିବାରୁ ୫ଜଣଙ୍କର ମୃତ୍ୟୁ ହୋଇଛି । ଗତ ସଂଧ୍ୟାରେ ଘଟିଥିବା ଏହି ଦୁର୍ଘଟଣାରେ ମୋଟ୍ ୧୩ଜଣଙ୍କୁ ଦିଲ୍ଲୀ ଏମ୍ସର ଜୟପ୍ରକାଶ ନାରାୟଣ ଆପେକ୍ସ ଟ୍ରମା ସେଣ୍ଟରକୁ ଚିକିତ୍ସା ପାଇଁ ଅଣାଯାଇଥିଲା । ସେମାନଙ୍କ ମଧ୍ୟରୁ ୫ ଜଣଙ୍କୁ ମୃତ ଘୋଷଣା କରାଯାଇଚି । ମୁଖ୍ୟମନ୍ତ୍ରୀ ରେଖା ଗୁପ୍ତା ଆଜି ଘଟଣାସ୍ଥଳ ପରିଦର୍ଶନ କରି ରିଲିଫ ଓ ଉଦ୍ଧାର କାର୍ଯ୍ୟର ସମୀକ୍ଷା କରିଛନ୍ତି । ସାମାଜିକ ଗଣମାଧ୍ୟମ ପୋଷ୍ଟରେ ମୁଖ୍ୟମନ୍ତ୍ରୀଙ୍କ

କାର୍ଯ୍ୟାଳୟ ଦେଇଥିବା ସୂଚନା ଅନୁଯାୟୀ ଉଦ୍ଧରକାରୀ ଦଳ ଗତକାଲି ରାତିରୁ ନିରନ୍ତର କାର୍ଯ୍ୟ ଜାରି ରଖିଛନ୍ତି । ମେହେରୌଲି ଥାନାରେ ଏ ନେଇ ଏକ ଫୌଜଦାରୀ ମାମଲା ଦାଏର କରାଯାଇଛି । ଘଟଣାର ମାଜିଷ୍ଟ୍ରେଟ୍‌ସ୍ତରୀୟ ତଦନ୍ତ ଲାଗି ନିର୍ଦ୍ଦେଶ ଦିଆଯାଇଛି । ଆଖପାଖର ବିପଦସଙ୍କୁଳ ଅବସ୍ଥାରେ ଥିବା କୋଠାଗୁଡ଼ିକୁ ଯାଞ୍ଚ କରିବା ସହ ଆବଶ୍ୟକସ୍ଥଳେ ଆନୁଷଙ୍ଗିକ ପଦକ୍ଷେପ ଗ୍ରହଣ କରିବାକୁ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି ।

## ୟୁକ୍ରେନ୍-ରୁଷ୍ କନ୍‌ଫ୍ଲିକ୍ଟ

ୟୁକ୍ରେନ୍ ପକ୍ଷରୁ ରୁଷ୍‌ର ଶକ୍ତି ଭିତ୍ତିଭୂମିକୁ ଲକ୍ଷ୍ୟ କରି ରାତିସାରା ଡ୍ରୋନ୍ ଆକ୍ରମଣ କରାଯାଇଛି । ୟୁକ୍ରେନ ରୁଷ୍‌ର କ୍ରେମ୍‌ଲିନ୍ ନିୟନ୍ତ୍ରଣାଧୀନ ଜାପୋର୍‌ଝିଆ ଆଣବିକ ଶକ୍ତିକେନ୍ଦ୍ର ଉପରେ ଆକ୍ରମଣ କରିଥିବା ସୂଚନା ମିଳିଛି । ରୁଷ୍‌ର ରୋଷ୍ଟୋଭ୍ ଅଞ୍ଚଳର ଗଭର୍ଣ୍ଣର ୟୁରି ସ୍ଲ୍ୟୁସର କହିଛନ୍ତି, ପ୍ଲାଣ୍ଟ୍‌ର ଇନ୍ଧନ ସଂରକ୍ଷଣ ସ୍ଥଳୀ ନିକଟରେ ଆକ୍ରମଣ ଯୋଗୁଁ ଅଗ୍ନିକାଣ୍ଡ ଘଟିଥିଲା ।  ଡ୍ରୋନ୍ ଆକ୍ରମଣ ଯୋଗୁଁ ସାରାଟୋଭ୍ କିଭ୍‌ରେ ବେସାମରିକ ଭିତ୍ତିଭୂମି କ୍ଷେତ୍ର ମଧ୍ୟ ନଷ୍ଟ ହୋଇଛି ।

ଅନ୍ୟପକ୍ଷରେ ରୁଷ୍‌ର ଏହି ଦାବିକୁ ୟୁକ୍ରେନ୍ ଖଣ୍ଡନ କରିଛି । ରୁଷ୍‌ର ଆଣବିକ ଶକ୍ତି କମ୍ପାନୀ ପକ୍ଷରୁ କୁହାଯାଇଛି, ଡ୍ରୋନ୍ ଆକ୍ରମଣ ଯୋଗୁଁ ଗୁରୁତ୍ୱପୂର୍ଣ୍ଣ ସ୍ଥଳୀଗୁଡ଼ିକ କ୍ଷତିଗ୍ରସ୍ତ ହୋଇଛି ।

## ଇବୋଲା - ରିକଭରୀ

ଇବୋଲାରେ ଆକ୍ରାନ୍ତ ୫ ଜଣଙ୍କୁ ସୁସ୍ଥ କରାଯାଇପାରିଛି ବୋଲି ପୂର୍ବାଞ୍ଚଳ କଙ୍ଗୋର ବୁନିଆ ପ୍ରଦେଶ ଗସ୍ତରେ ଯାଇଥିବା ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନର ମୁଖ୍ୟ ଘୋଷଣା କରିଛନ୍ତି । ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନର ମହାନିର୍ଦ୍ଦେଶକ ଟେଡ୍ରସ୍ ଆଧନମ୍ ଘେବ୍ରିୟସ୍' ବୁନିଆରେ ନୂତନ ଇବୋଲା ଚିକିତ୍ସା କେନ୍ଦ୍ର ଉଦ୍‌ଘାଟନ ଅବସରରେ ଏହା ଘୋଷଣା କରିଛନ୍ତି । ଇବୋଲାର ସଂକ୍ରମଣକୁ ନିୟନ୍ତ୍ରଣ କରିବା ଲାଗି ସେଠାକାର ସମ୍ପ୍ରଦାୟର ପ୍ରମୁଖ ଭୂମିକା ରହିଥିବା ସେ କହିଛନ୍ତି ।  ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନ ଦେଇଥିବା ସଦ୍ୟତମ ରିପୋର୍ଟ ଅନୁଯାୟୀ ଇବୋଲାରେ ୯୦୬ ଜଣ ସନ୍ଦିଗ୍ଧ ଆକ୍ରାନ୍ତ ରହିଥିବାବେଳେ ୨୨୩ ଜଣଙ୍କର ମୃତ୍ୟୁ ଘଟିଥିବା କୁହାଯାଇଛି । ସେହିପରି ପଡ଼ୋଶୀ ଉଗାଣ୍ଡା କର୍ତ୍ତୃପକ୍ଷଙ୍କ ପକ୍ଷରୁ ଇବୋଲାରେ ୯ ଜଣ ଆକ୍ରାନ୍ତ ହୋଇଥିବା ଏବଂ ଜଣଙ୍କର ମୃତ୍ୟୁ ହୋଇଥିବା ସୂଚନା ଦିଆଯାଇଛି । ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନ ପକ୍ଷରୁ ଇବୋଲାର ତୁରନ୍ତ ପରୀକ୍ଷା, ତୁରନ୍ତ ସ୍ୱାସ୍ଥ୍ୟକର୍ମୀ

ନିୟୋଜନ ଏବଂ ନିରନ୍ତର ଆବଶ୍ୟକ ଚିକିତ୍ସା ସେବା ଯୋଗାଇଦେବା ଉପରେ ଗୁରୁତ୍ୱ ପ୍ରଦାନ କରାଯାଇଛି ।

## କଞ୍ଜୁମର ଆଫାୟାର୍ ମେଟ୍ରୋଲୋଜି ରିଫର୍ମ

ଖାଉଟି ବ୍ୟାପାର ବିଭାଗ ପକ୍ଷରୁ ଆଜି ଉତ୍ତର ପ୍ରଦେଶ, ଉତ୍ତରାଖଣ୍ଡ, ଜମ୍ମୁ-କାଶ୍ମୀର, ହିମାଚଳ ପ୍ରଦେଶ, ପଞ୍ଜାବ, ହରିୟାଣା, ଚଣ୍ଡୀଗଡ଼ ଏବଂ ଲଦାଖରେ ଆଇନଗତ ମାପ ସମ୍ବନ୍ଧୀୟ ସୁଧାରର କାର୍ଯ୍ୟାନ୍ୱୟନର ସମୀକ୍ଷା କରାଯାଇଛି । ସମୀକ୍ଷା ବୈଠକରେ ଜନ ବିଶ୍ୱାସ ଆଇନ-୨୦୨୬ ଏବଂ ନିୟାମକ ସୁଧାର ଉପରେ ଉଚ୍ଚସ୍ତରୀୟ କମିଟିର ସୁପାରସକୁ ସରଳ କରିବାପାଇଁ ଆଲୋଚନା ହୋଇଛି । ଖାଉଟି ବ୍ୟାପାର ସଚିବ ନିଧି ଖାରେଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଓଜନ ଓ ମାପର ନିର୍ମାଣକାରୀ, ଡିଲର ଓ ମରାମତି କରୁଥିବା ବ୍ୟକ୍ତିଙ୍କପାଇଁ ପଞ୍ଜୀକରଣ ଆଧାରିତ ବ୍ୟବସ୍ଥା ସହିତ ପ୍ରଚଳିତ ଲାଇସେନ୍ସ ବ୍ୟବସ୍ଥାକୁ ବଦଳା ଯିବା ସମ୍ପର୍କରେ ମୁଖ୍ୟତଃ ଆଲୋଚନା ହୋଇଛି ।

ବୈଠକରେ ଇ-ମ୍ୟାପ୍ ପୋର୍ଟାଲ୍, ଆଇନଗତ ମାପ ଅଧିକାରୀଙ୍କ କ୍ଷମତା ନିର୍ମାଣ ଓ ଦେଶବ୍ୟାପୀ ଯାଞ୍ଚ ଭିତ୍ତିଭୂମିକୁ ସୁଦୃଢ଼ କରିବାପାଇଁ ପଦକ୍ଷେପଗୁଡ଼ିକର ମଧ୍ୟ ସମୀକ୍ଷା କରାଯାଇଥିଲା ।

## ଡି.ଆର୍.ଡି.ଓ. - ବମ୍ ଟେଷ୍ଟ

ହରିୟାଣାର ପଞ୍ଚକୁଲା ଜିଲ୍ଲାର ରାମଗଡ଼ ଅଞ୍ଚଳରେ ଥିବା ପ୍ରତିରକ୍ଷା ଗବେଷଣା ଓ ବିକାଶ ସଙ୍ଗଠନର ପ୍ରୟୋଗଶାଳାରେ ଆଜି ଏକ ଉଚ୍ଚ କ୍ଷମତାସମ୍ପନ୍ନ ବୋମାର ସଫଳତାର ସହ ପରୀକ୍ଷଣ କରାଯାଇଛି । ବରିଷ୍ଠ ବାୟୁସେନା ଅଧିକାରୀଙ୍କ ତତ୍ତ୍ୱାବଧାନରେ ଟର୍ମିନାଲ୍ ବାଲିଷ୍ଟିକ୍ ଗବେଷଣା ପ୍ରୟୋଗଶାଳାରେ ଏହି ପରୀକ୍ଷଣ କରାଯାଇଥିଲା ।

## ବ୍ୟାଡ୍‌ମିଣ୍ଟନ - ସିଙ୍ଗାପୁର ଓପନ୍

ସିଙ୍ଗାପୁର ଓପନ୍ ବ୍ୟାଡ୍‌ମିଣ୍ଟନ ଟୁର୍ଣ୍ଣମେଣ୍ଟରେ ଆଜି ପୁରୁଷ ବର୍ଗରେ ଭାରତର ସାତ୍ତ୍ୱିକ ସାଇରାଜ ରାଙ୍କିରେଡ୍ଡୀ ଏବଂ ଚିରାଗ ସେଟ୍ଟୀଙ୍କ ଯୋଡ଼ି ଫାଇନାଲ୍‌ରେ ବିଜୟ ହାସଲ କରିଛନ୍ତି । ଏହି ଭାରତୀୟ ଯୋଡ଼ି ଇଣ୍ଡୋନେସିଆର ମହମ୍ମଦ ଶୋହିବୁଲ୍ ଫିକ୍ରି ଏବଂ ଫଜର ଆଲ୍‌ଫିଆନ୍‌ଙ୍କ ଯୋଡ଼ିକୁ ୧୮-୨୧, ୨୧-୧୭ ଏବଂ ୨୧-୧୬ରେ ପରାସ୍ତ କରିଛନ୍ତି । ଏହି ଭାରତୀୟ ଯୋଡ଼ିଙ୍କ ପାଇଁ ଦୁଇ ବର୍ଷ ମଧ୍ୟରେ ଏହା ପ୍ରଥମ ଟାଇଟଲ୍ ଏବଂ ନବମ ବିଶ୍ୱ ଟୁର୍ ଟାଇଟ୍‌ଲ୍ ।

# ମାଣ୍ଡବୀୟ - ସିଙ୍ଗାପୁର ଓପନ୍

କେନ୍ଦ୍ର ଯୁବବ୍ୟାପାର ଓ କ୍ରୀଡ଼ାମନ୍ତ୍ରୀ ଡକ୍ଟର ମନସୁଖ ମାଣ୍ଡବୀୟ ସିଙ୍ଗାପୁର ଓପନ୍ ସୁପର-୭୫୦ ଟାଇଟଲ୍ ହାସଲ କରିଥିବା ସାତ୍ତ୍ୱିକ ସାଇରାଜ ରାଙ୍କିରେଡ୍ଡୀ ଏବଂ ଚିରାଗ୍ ସେଟ୍ଟୀଙ୍କ ଯୋଡ଼ିକୁ ଶୁଭେଚ୍ଛା ଜଣାଇଛନ୍ତି । ସାମାଜିକ ଗଣମାଧ୍ୟମରେ ପୋଷ୍ଟ କରି ସେ କହିଛନ୍ତି, ଦୀର୍ଘ ୨ ବର୍ଷର ଅପେକ୍ଷା ପରେ ସେମାନେ ଏହି ଟାଇଟଲ୍ ହାସଲ କରିଛନ୍ତି । ଏହା ଭାରତର ବ୍ୟାଡ୍‌ମିଣ୍ଟନ ଯାତ୍ରାରେ ଆଉ ଏକ ସ୍ୱର୍ଣ୍ଣିମ ଅଧ୍ୟାୟ ସୃଷ୍ଟି କରିଛି। ଶ୍ରୀ ମାଣ୍ଡବୀୟ କହିଛନ୍ତି, ଏହା ହେଉଛି ଭାରତୀୟ ବ୍ୟାଡ୍‌ମିଣ୍ଟନପାଇଁ ଏକ ଐତିହାସିକ ବିଜୟ ।

# ଆଇ.ପି.ଏଲ୍.

ଆଇ.ପି.ଏଲ୍. କ୍ରିକେଟର ଚଳିତ ସଂସ୍କରଣର ଫାଇନାଲ ମ୍ୟାଚ୍ ଆଉ କିଛି ସମୟ ପରେ ଅହମ୍ମଦାବାଦର ନରେନ୍ଦ୍ର ମୋଦି ଷ୍ଟାଡିୟମଠାରେ ଗୁଜରାଟ ଟାଇଟାନ୍ସ ଓ ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ ମଧ୍ୟରେ ହେବ । ରୟାଲ୍ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ ଟସ୍ ଜିତି ପ୍ରଥମେ ବୋଲିଂ କରିବାକୁ ନିଷ୍ପତ୍ତି ନେଇଛି ।

ଉଭୟ ଦଳ ଦ୍ୱିତୀୟ ଆଇପିଏଲ୍ ଟାଇଟଲ୍ ପାଇଁ ଲକ୍ଷ୍ୟ ରଖିଛନ୍ତି। ଗୁଜରାଟ ୨୦୨୨ରେ ପ୍ରଥମ ଆଇପିଏଲ୍ ଟାଇଟଲ ହାସଲ କରିଥିବାବେଳେ ରୟାଲ୍ ଚାଲେଞ୍ଜର୍ସ ବେଙ୍ଗାଲୁରୁ ୨୦୨୫ରେ ଏହି ଟ୍ରଫି ହାସଲ କରିଥିଲା ।

*****